## ସଂକ୍ଷେପରେ

### ହାତୀ ଆକ୍ରମଣରେ ଆହତ ବିଦ୍ୟାଧରଙ୍କ ମୃତ୍ୟୁ

ଭଞ୍ଜନଗର,୧୫।୫(ବାବୁଲା ପ୍ରଧାନ)- ଭଞ୍ଜନଗର ନିକଟସ୍ଥ ମହାଗୁଡାରେ ମଙ୍ଗଳବାର ରାତିରେ ହାତୀ ଆକ୍ରମଣରେ ଆହତ ହୋଇଥିବା ବିଦ୍ୟାଧର ଗୌଡଙ୍କ ମୃତ୍ୟୁ ଘଟିଛି। ଆକ୍ରମଣରେ ଆହତ ହୋଇଥିବା ଅନ୍ୟ ଜଣେ ଚିତ୍ରସେନ ସେଠୀ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତିରେ ବିଦ୍ୟାଧର ଓ ଚିତ୍ରସେନ ଗ୍ରାମର ନାଳ ଆଡେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହାତୀପଲ ହାବୁଡ଼ରେ ପଡ଼ି ଉଭୟ ଆହତ ହୋଇଥିଲେ । ସେମାନଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଦ୍ୟାଧରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ବାଟରେ ବିଦ୍ୟାଧର ମୃତ୍ୟୁବରଣ କରିଥିଲେ।

### ବରିଷ୍ଠ ଦଳିଲ ଲେଖକ ଅଭିମନ୍ୟୁଙ୍କ ଦେହାନ୍ତ



ବୁଗୁଡ଼ା,୧୫।୫(କାଳିଚରଣ ଦାଶ) ବୁଗୁଡ଼ାର ଜଣାଶୁଣା ବରିଷ୍ଠ ଦଲିଲ ଲେଖକ ଅଭିମନ୍ୟୁ ପ୍ରଧାନ(୭୨)ଙ୍କ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିବାବେଳେ ମଙ୍ଗଳବାର ତାଙ୍କର ପରଲୋକ ଘଟିଥିଲା। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ପ୍ରେମଚାନ୍ଦ ନଗରସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ।

### ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ୍ ପ୍ରସ୍ତୁତି ବୈଠକ

ରମ୍ଭା,୧୫।୫(ବନବାସୀ ସେଠୀ): ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ବୁଧବାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି /ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ। ବୈଠକରେ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଥିବା ବୈଠକରୁ ଜଣାପଡ଼ିଛି। କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରସାଦ ରାଓ ପୃଷ୍ଟି, ସାଙ୍ଗଠନିକ ସମ୍ପାଦକ ତଥା ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସ୍ୱାମୀ ଶଙ୍କରା ନନ୍ଦ ଗିରୀ, ବାଳକୃଷ୍ଣ ମହାରଣା, ବିଜୟ କୁମାର ବିଶ୍ୱାଳ, ସମାଲୋଚକ ପତ୍ରିକା ଦଣ୍ଡପାଣି ମହାପାତ୍ର, ମହେଶ୍ୱର ବରାଡ଼, ଗୋପାଳ କୃଷ୍ଣ ସେନାପତି, ଏମ. ନରସିଂହ ସୁବୁଦ୍ଧି ସାମିଲ ହୋଇଥିଲେ।

# କାଟିଙ୍ଗିଆ ପଞ୍ଚାୟତରେ ଜଳକଷ୍ଟ

- ଜଳ ପ୍ରକଳ୍ପ ଅଛି, ନିୟମିତ ଆସୁନି ଜଳ
- ମୋବାଇଲ ନେଟ୍‌ୱର୍କ ପାଇଁ କସରତ କରୁଛନ୍ତି ଅଞ୍ଚଳବାସୀ

ଦାରିଙ୍ଗବାଡ଼ି,୧୫।୫(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ଦୁର୍ଗମ ପଞ୍ଚାୟତ କାଟିଙ୍ଗିଆ ଅଞ୍ଚଳର ବିଭିନ୍ନ ଗ୍ରାମରେ ଜଳକଷ୍ଟ ଲୋକଙ୍କୁ ହନ୍ତସନ୍ତ କରୁଛି। ଗୋଟିଏ ପଟେ ଗ୍ରୀଷ୍ମପ୍ରବାହ ହୋଇଥିବାରୁ କାଟିଙ୍ଗିଆ ବଜାର ସମେତ ଉକ୍ତ ପଞ୍ଚାୟତର ରାଇକଣା, ଆଡ଼ିବାଙ୍ଗା, ଗୁରୁମୁଣ୍ଡି, ଡୁବୁଡି ଆଦି ଅଞ୍ଚଳରେ ଜଳକଷ୍ଟ ଦେଖାଯାଉଛି। ଏଠାରେ ଜଳକଷ୍ଟ ସାଙ୍ଗକୁ ସାଧାରଣରେ ବ୍ୟାଙ୍କ ସେବା ସମେତ ସ୍ୱାସ୍ଥ୍ୟସେବା ଓ ଯୋଗାଯୋଗ ପାଇଁ ମୋବାଇଲ ସେବା ଲାଗି ଅଞ୍ଚଳବାସୀ ଦାବି କରି ନୟାନ୍ତ ହେଲେଣି, ହେଲେ ପ୍ରଶାସନ ପକ୍ଷରୁ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। କାଟିଙ୍ଗିଆଠାରେ ୭ଟି ନଳକୂପ ରହିଥିବା ବେଳେ ସେଥିରୁ ପ୍ରାୟ ୪ଟି ଅଚଳ ହୋଇପଡ଼ିଛି ବୋଲି ଗ୍ରାମର ରଞ୍ଜିତ କୁମାର ପାତ୍ର, ସଞ୍ଜୀବ ସେନାପତି କହିଛନ୍ତି। ଯେଉଁସବୁ ନଳକୂପରୁ ପାଣି ଆସୁଛି, ସେହି ପାଣି କିଛି ସମୟ ମଧ୍ୟରେ ଲାଲ ପଡ଼ିଯାଉଥିବାରୁ ତାହା ପିଇବା ଉପଯୋଗୀ ହେଉନଥିବା କହିଛନ୍ତି। ବସୁଧା ଯୋଜନାରେ ପ୍ରକଳ୍ପ କରାଯାଇଛି, କିନ୍ତୁ ନିୟମିତ ପିଇବା ପାଣି ଆସୁନଥିବା ଗ୍ରାମବାସୀ କହିଛନ୍ତି। ସେହିପରି ଉକ୍ତ ବ୍ଲକର କାଟିଙ୍ଗିଆ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ଅଞ୍ଚଳରେ ମକାଚାଷ ସମେତ ହଳଦୀ, ପନିପରିବା, ଖଳିପତ୍ର ସିଲେଇ ଆଦି କରାଯାଇ ବିକ୍ରି କରାଯାଉଛି। ତେବେ ଚାଷୀଙ୍କ ନିଜ ଅମଳ ସାମଗ୍ରୀ ଉଚିତ ଦରରେ ବିକ୍ରିପାଇଁ ଅନ୍ୟ ବଜାରରୁ ଖବର ସଂଗ୍ରହ ପାଇଁ ହେଉ କି ଜରୁରିକାଳୀନ ସେବା ପାଇଁ ମୋବାଇଲ ନେଟ୍‌ୱର୍କ ନିହାତି ଆବଶ୍ୟକ ରହିଥିବାରୁ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରୋଦ ରାଉତଙ୍କୁ ପଚାରିବାରୁ କାଟିଙ୍ଗିଆରେ ଠିକ୍ ଭାବେ ଜଳ ଯୋଗାଣ କରାଯାଉଛି, ଲୋ ଭୋଲ୍‌ଟେଜ ପାଇଁ କେବେ କେବେ ସମସ୍ୟା ଦେଖାଯାଉଥିବା ସେ କହିଛନ୍ତି।



କାଟିଙ୍ଗିଆରେ ଷ୍ଟାଣ୍ଡ ପୋଷ୍ଟ ଶୁଖିଲା ପଡିଛି ।





ବ୍ରହ୍ମପୁର ଏସ୍‌ବିଆଇ ମୁଖ୍ୟଶାଖା ସମ୍ମୁଖରେ କନ୍ଧମାଳ ଜିଲାର 'କସମ'ର ଏକ ଦୋକାନ ଖୋଲାଯାଇଛି। ଏଠାରେ କନ୍ଧମାଳ ଜିଲାର ଜୈବିକ ହଳଦୀ, ମାଣ୍ଡିଆ, ମହୁ ଆଦି ସାମଗ୍ରୀ ମିଳିବ।

# ଗଞ୍ଜାମରେ ୧୧୪୩ ବୁଥ୍‌ରେ ହେବ ୱେବ୍‌କାଷ୍ଟିଂ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ଛତ୍ରପୁର,୧୫।୫ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୦ ତାରିଖରେ ହେବ। ମତଦାନ ଯେଭଳି ଅବାଧ, ମୁକ୍ତ ଓ ନିରପେକ୍ଷ ହେବ ସେଥିସକାଶେ ପ୍ରୟାସ ଚାଲୁ ରହିଛି। ଉକ୍ତ ଦିନ ଆସିକା ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଏବଂ କନ୍ଧମାଳ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଭଞ୍ଜନଗରରେ ମତଦାନ ନିମନ୍ତେ ପ୍ରସ୍ତୁତ ହୋଇଥିବା ବୁଥ୍‌ଗୁଡିକ ମଧ୍ୟରୁ ୧୧୪୩ଟି ବୁଥ୍‌ରେ ୱେବ୍‌କାଷ୍ଟ ହେବ। ଏହି ୱେବ୍‌କାଷ୍ଟ ଜରିଆରେ ବୁଥ୍ ମଧ୍ୟରେ ଚାଲୁଥିବା ମତଦାନ ପ୍ରକ୍ରିୟାକୁ ଜିଲାସ୍ତରରେ ଏବଂ ରାଜ୍ୟସ୍ତରରେ ଅଧିକାରୀମାନେ ନଜର ରଖିବେ। ପୂର୍ବରୁ ହୋଇଥିବା ନିର୍ବାଚନ ଆଧାରକୁ ନେଇ ମତଦାନ ସଠିକ ରଖିବା ଉଦ୍ଦେଶ୍ୟରେ ଏହି ୱେବ୍‌କାଷ୍ଟ କରାଯାଉଛି। ବୁଥ୍‌ଗୁଡ଼ିକରେ ମତଦାତାମାନେ ବିନା ଦ୍ୱିଧାରେ ନିଜ ମତ ସାବ୍ୟସ୍ତ କରିବେ। ଆସିକା ବିଧାନସଭା କ୍ଷେତ୍ର ନିମନ୍ତେ ୧୨୬ ବୁଥ୍, ହିଞ୍ଜିଳି ନିମନ୍ତେ ୧୩୮, ଖଲ୍ଲିକୋଟ ସକାଶେ ୧୪୫ ବୁଥ୍, ସାନଖେମୁଣ୍ଡି ନିମନ୍ତେ ୧୨୯ ବୁଥ୍, ଭଞ୍ଜନଗର ସକାଶେ ୧୫୪ ବୁଥ୍, କବିସୂର୍ଯ୍ୟନଗର ସକାଶେ ୧୪୭ ବୁଥ୍, ପୋଲସରା ସକାଶେ ୧୫୭ ବୁଥ୍ ଏବଂ ସୋରଡ଼ା ନିମନ୍ତେ ୧୪୭ ବୁଥ୍‌ରେ ୱେବ୍‌କାଷ୍ଟ ହେବ।

## ଗୋଟିଏ ରାତିରେ ୨ ଘରୁ ଚୋରି

କେ.ନୂଆଗାଁ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ

ଚିକିଟି,୧୫।୫(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଅଞ୍ଚଳରେ କିଛିଦିନ ହେଲା ଚୋରି ବଢ଼ିବାରେ ଲାଗିଛି। ଗତ ସୋମବାର ମଧ୍ୟରାତିରେ ବିଏସ୍‌ଏଲ୍‌ଏନ୍‌ପୁର ଗ୍ରାମରେ ନାରାୟଣ ପ୍ରଧାନଙ୍କ ଘରୁ ଚୋରି ହୋଇଥିଲା। ଏହାର ୨୪ ଘଣ୍ଟା ପରେ ପୁଣି କେ. ନୂଆଗାଁ ଗ୍ରାମରେ ମଙ୍ଗଳବାର ମଧ୍ୟରାତିରେ ୨ ଜଣଙ୍କ ଘରୁ ଚୋରି ହୋଇଛି। ରାଜେନ୍ଦ୍ର ପ୍ରଧାନ ଓ ତାଙ୍କ ପରିବାର ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବାରିପଟୁ ଗ୍ରିଲତାଡ଼ି ଆଲମିରାରୁ ସୁନାଚେନ୍, ମୁଦି, ହାର ଆଦି ପ୍ରାୟ ୨୦ ଭରି ଓଜନର ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ସେହିପରି ଗ୍ରାମର ସବିତା ବିନ୍ଧାଣିଙ୍କ ଘରୁ ୧ ବସ୍ତା ଚାଉଳ, ୧୨ ହଜାର ଟଙ୍କା, ୩ ଭରି ସୁନା ଅଳଙ୍କାର ଚୋରି ହୋଇଛି। ଏହି ୩ ଘଟଣା ନେଇ କେ. ନୂଆଗାଁ ଥାନାରେ ପୃଥକ୍ ଭାବେ ବୁଧବାର ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, କିଛି ଦିନ ହେଲା ଚୋରମାନେ ସାଧାରଣତଃ ଘରଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ରାତିରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଗରମରୁ ନିସ୍ତାର ପାଇବା ପାଇଁ ଲୋକେ ବାରଣ୍ଡାରେ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଏଭଳି ଘଟଣା ଘଟାଉଛନ୍ତି। ଚୋରକୁ ଧରିବାରେ ପୋଲିସ ସକ୍ଷମ ହୋଇପାରୁ ନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କେ. ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲଙ୍କୁ ପଚାରିବାରେ ତଦନ୍ତ ଚାଲୁରହିଥିବା କହିଛନ୍ତି।

# ଦଳକୁ ଫେରିଲେ ଭାଜପା କର୍ମୀ



କ.ନୂଆଗାଁ,୧୫।୫(କାଳୀ ପ୍ରସାଦ ତ୍ରିପାଠୀ)

ବାଲିଗୁଡା ନିର୍ବାଚନ ମଣ୍ଡଳୀ କ.ନୂଆଗାଁ ବ୍ଲକ ଧରମପୁର ଗ୍ରାମର ୧୮ ଜଣ ଭାଜପା କର୍ମୀ ଗତ ୧୨ ତାରିଖରେ ବାଲିଗୁଡାସ୍ଥିତ ବରାଳ ଦେବୀ ମନ୍ଦିରଠାରେ ବିଜେଡିରେ ଯୋଗ ଦେଇଥିଲେ। ବୁଧବାର ପୁଣି ସେମାନେ ବିଜେଡି ଛାଡ଼ି ଭାଜପାକୁ ଫେରିଛନ୍ତି। ଧରମପୁର ଯୁବ କଳା କମିଟିର ସଭାପତି ଧର୍ମରାଜ ପାତ୍ରଙ୍କ ନେତୃତ୍ୱରେ ୧୮ ଜଣ ସଦସ୍ୟ ବାଲିଗୁଡା ବିଧାୟକଙ୍କୁ ଭେଟି ଅସୁବିଧା ସଂପର୍କରେ ଆଲୋଚନା କରିବା ପାଇଁ ଯାଇଥିଲେ। ସେଠାରେ ବିଧାୟକଙ୍କ ଅନୁପସ୍ଥିତିରେ ବିଜେଡିର କେତେଜଣ କର୍ମୀ ଅର୍ଥର ପ୍ରଲୋଭନ ଦେଖାଇ ବାଲିଗୁଡା ନିର୍ବାଚନ ମଣ୍ଡଳୀର ସଂଯୋଜକଙ୍କ ନେତୃତ୍ୱରେ ବିଜେଡିରେ ସାମିଲ୍ କରିଥିଲେ। ବିଜେଡି ନେତାମାନେ ସେ ସମୟରେ ଧରମପୁରର ୬୦ ପରିବାର ଦଳରେ ସାମିଲ୍ ହେଲେ ବୋଲି ଘୋଷଣା କରିଥିଲେ। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଧରମପୁର ଠାରେ ବୁଧବାର ଖବରଦାତା ସମ୍ମିଳନୀ ଡ଼ାକି କମିଟିର ସଭାପତି ଧର୍ମରାଜ କହିଛନ୍ତି। ସେ ଆହୁରି କହିଛନ୍ତି, ଆମେ ଭାଜପାରେ ଥିଲୁ ଓ ଭବିଷ୍ୟତରେ ମଧ୍ୟ ରହିବୁ। ଖବରଦାତା ସମ୍ମିଳନୀରେ ମଣ୍ଡଳ ଉପ ସଭାପତି ଜୟକୃଷ୍ଣ ପୂଜାରୀ, ନିଗମାନନ୍ଦ ପୂଜାରୀ, ବିବେକାନନ୍ଦ ପାତ୍ର, ପଣ୍ଡିତ କୁମାର ବିଶିମାଝୀ,ଗୁରୁରାମ ପାତ୍ର, କାର୍ତ୍ତିକ ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ପାତ୍ର, ଅମରନାଥ ପାତ୍ର, ଶ୍ୟାମସୁନ୍ଦର ପ୍ରଧାନଙ୍କ ସମେତ ଧରମପୁରର ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବିଜେଡି ରାଲିରେ ୨ ସରକାରୀ କର୍ମଚାରୀ

**ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ କଲା ଭାଜପା**



ବିଜେଡି ବିଧାୟକ ପ୍ରାର୍ଥୀଙ୍କ ରାଲିରେ ସରକାରୀ କର୍ମଚାରୀ।

ପୋଲସରା,୧୫।୫(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ପ୍ରଭାକର ସାହୁ ଓ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ଗ୍ରାମର ହୋମିଓପାଥିକ ଡିସ୍‌ପେନସାରିରେ ପିଅନ ଭାବେ କାର୍ଯ୍ୟରତ ସନ୍ନ୍ୟାସୀ ବିଷୋୟୀ ଉଭୟ ସରକାରୀ କର୍ମଚାରୀ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଭାଜପା ଅଭିଯୋଗ କରିଛି।

ଗତ ୯ ତାରିଖରେ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ ନିଜ ସମର୍ଥକମାନଙ୍କୁ ନେଇ ଶଙ୍କୁରୁ ଗ୍ରାମରେ ରାଲି କରି ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ରାଲିରେ ସରକାରୀ କର୍ମଚାରୀ ସନ୍ନ୍ୟାସୀ ବିଷୋୟୀ ଯୋଗ ଦେଇଥିବା ଜଣାପଡ଼ିଛି। ସେହିପରି ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଡାଟା ଏଣ୍ଟ୍ରି ପ୍ରଭାକର ସାହୁ ଗତ ୧୦ତାରିଖରେ ବେଲଗାଁ ପଞ୍ଚାୟତ ଦିମ୍ବିରିଆ ଗ୍ରାମରେ ବିଧାୟକ ଶ୍ରୀକାନ୍ତଙ୍କ ସହ ନିର୍ବାଚନୀ ରାଲିରେ ବୁଲୁଥିଲେ। ଉକ୍ତ ଦୁଇ ଜଣ ସରକାରୀ କର୍ମଚାରୀ ନିର୍ବାଚନୀ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ତଦନ୍ତ କରି ସେମାନଙ୍କ ଉପରେ ପଦକ୍ଷେପ ନେବାକୁ ଭାରତର ମୁଖ୍ୟ ନିର୍ବାଚନ କମିଶନ ଅଧିକାରୀଙ୍କ ନିକଟରେ ଭାଜପା ଅଭିଯୋଗ କରିଛି। ଏହାର ନକଲ ରାଜ୍ୟ ଓ ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରେରଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଆମ୍ବ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଫିରିଙ୍ଗିଆ,୧୫।୫(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ପବିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବବଡିଙ୍ଗିଆ ଗାଁର ମିଥୁନ ପ୍ରଧାନ (୨୭)ଙ୍କ ବୁଧବାର ଆମ୍ବ ଗଛରୁ ପଡ଼ି ମୃତ୍ୟୁ ଘଟିଛି। ସେ ଗଛରେ ଚଢ଼ି ଆମ୍ବ ତୋଳୁଥିବା ସମୟରେ ଅସାବଧାନତାରୁ ତଳେ ପଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀ ଓ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫିରିଙ୍ଗିଆ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଛି।

# ବରଗାଁରେ ବିଜେଡିର ପ୍ରଚାର





କର୍ମୀଙ୍କ ଗହଣରେ ବିଧାୟିକା।

ଆସିକା,୧୫।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଅନ୍ତର୍ଗତ ବରଗାଁରେ ବୁଧବାର ବିଜେଡି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଥିଲା । ଗ୍ରାମ ପରିକ୍ରମା ପରେ ମଞ୍ଜୁଳା ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ସେ ଘରକୁ ଘର ବୁଲି ବିଜେଡିର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ ବିଦ୍ୟୁତ ବିଲ ଛାଡ୍, ମହିଳାମାନଙ୍କୁ ଅଧିକ ଆତ୍ମନିଯୁକ୍ତି, ଚାଷୀ ପାଇଁ ଧାନର କ୍ରୟ ମୂଲ୍ୟ ବୃଦ୍ଧି ସମେତ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଲାଗି ରହିଥିବା ଯୋଜନାର ସୁଫଳ ରୁପାୟନ ହେବ ବୋଲି ସୂଚନା ଦେଇଥିଲେ । ତେଣୁ ତାଙ୍କୁ ଓ ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେସମା ଦୋରା, କବିସୂର୍ଯ୍ୟନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ଶିବ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

# ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ମତଦାନ ହ୍ରାସ

ପାରଳାଖେମୁଣ୍ଡି,୧୫।୫ (ଗିରିଧାରୀ ପରିଚ୍ଛା)

ରାଜ୍ୟରେ ଗତ ସୋମବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରରେ ଥିବା ଦୁଇଗୋଟି ନିର୍ବାଚନମଣ୍ଡଳୀରେ ୨୦୧୯ ମତଦାନ ଅପେକ୍ଷା ୨୦୨୪ ନିର୍ବାଚନରେ ଭୋଟ ହାର କମିଥିବା ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୬୪.୨୩% ମତଦାନ ହୋଇଥିବା ବେଳେ ୨୦୧୯ ନିର୍ବାଚନରେ ୬୯.୨୭% ମତଦାନ ହୋଇଥିଲା। ସେହିଭଳି ମୋହନା ନିର୍ବାଚନମଣ୍ଡଳୀରେ ୭୧.୨୦% ମତଦାନ ହୋଇଥିବା ବେଳେ ୨୦୧୯ରେ ୭୫.୬୪% ମତଦାନ ହୋଇଥିଲା। ମୁଖ୍ୟତଃ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ପାରଳାଖେମୁଣ୍ଡି ସହରରେ ୨୦୧୯ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ମତଦାନ ସଂଖ୍ୟା କମିଯାଇଛି। ସହରର ବୁଦ୍ଧିଜୀବୀ, ଶିକ୍ଷିତ ଓ ସଚେତନ ନାଗରିକ ଚଳିତ ନିର୍ବାଚନରେ ମତଦାନ କରିନଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସହରରେ ମତଦାନ ସଂଖ୍ୟା କମିଥିବା ବେଳେ ଗୁମ୍ମା ବ୍ଲକରେ ମତଦାନ ସଂଖ୍ୟା ବୃଦ୍ଧି ପାଇଛି। ଗୋଷାଣୀ, କାଶୀନଗରଠାରେ ମଧ କମିଥିବା ସୂଚନା ମିଳିଛି। ଗୁମ୍ମା ବ୍ଲକଠାରେ ମତଦାନ ସଂଖ୍ୟା ବଢ଼ିଥିବାରୁ କଂଗ୍ରେସକୁ ଏହାର ଫାଇଦା ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହାକୁ ନେଇ ଭାଜପା ଓ ବିଜେଡି ମହଲରେ ଆଲୋଚନା ଚାଲିଛି। କିନ୍ତୁ ପାରଳାଖେମୁଣ୍ଡି ପୌର ପରିଷଦ ଗୋଷାଣୀ ବ୍ଲକ ଓ କାଶୀନଗର ବ୍ଲକର ମତଦାନକୁ ନେଇ ଭାଜପା ଓ ବିଜେଡି ଉତ୍ସାହିତ ଥିବା ଜଣାପଡ଼ିଛି।

# ବିଜେଡି ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା

ଦାରିଙ୍ଗବାଡ଼ି,୧୫।୫ (ଅରୁଣ ସାହୁ)

ଆସନ୍ତା ୨୦ରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଜି. ଉଦୟଗିରି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେବାର ଦେଖିବାକୁ ମିଳିଛି। ଭାଜପା ସମେତ କଂଗ୍ରେସ ଓ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଉଥିବା ବେଳେ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ପ୍ରଚାର ଦୌଡ଼ରେ ରହିଛି। ସେହିପରି ଅନ୍ୟ ଦଳର ପ୍ରାର୍ଥୀଙ୍କ ପକ୍ଷରୁ ମଧ୍ୟ ପ୍ରଚାରକୁ ଜୋରଦାର କରାଯାଇଛି। ବୁଧବାର ଉକ୍ତ ନିର୍ବାଚନମଣ୍ଡଳୀର ବିଜେଡି ପକ୍ଷରୁ ବିରାଟ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଯୋଗ ଦେଇଥିଲେ। ଶୋଭାଯାତ୍ରାଟି ଦାରିଙ୍ଗବାଡିରୁ ବାହାରି ତାଳୁଙ୍ଗିଆ ପଞ୍ଚାୟତ ଶିକରମାହା ଗ୍ରାମଦେଇ କଳିଙ୍ଗି, ସରାମୁଳି ପଞ୍ଚାୟତ ଦେଇ ଗଦାପୁର, ବ୍ରାହ୍ମଣୀଗାଁ, ଝିଞ୍ଜିରିଗୁଡା ପଞ୍ଚାୟତ ହୋଇ ମିଞ୍ଜାପାଙ୍କାରେ ଶୋଭାଯାତ୍ରା ଶେଷ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିବା ସହ ଗୋଟିଏ ଏମ୍‌ପି ପ୍ରାର୍ଥୀ ଓ ଅନ୍ୟଟି ବିଧାୟକ ପ୍ରାର୍ଥୀ ସାଲୁଗାଙ୍କୁ ଜିତେଇବାକୁ ନିବେଦନ କରିଛନ୍ତି। ଏହି ଶୋଭାଯାତ୍ରାରେ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ୧୦ ନଂ ଜୋନର ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ହଜାର ସଂଖ୍ୟାରେ ସମର୍ଥକ ସାମିଲ ଥିଲେ।



# ଅଭିଯୋଗ ସତ୍ତ୍ୱେ ଥମୁନି ବ୍ଲାଷ୍ଟିଂ

**ପାହାଡ଼ ଲିଜ୍ ନ ଥାଇ ପଥର ଖନନ**

ବୁଗୁଡ଼ା,୧୫।୫(କାଳିଚରଣ ଦାଶ)

ପାହାଡ଼ ଲିଜ୍ ନ ଥାଇ ଚାଲିଛି ବେଆଇନ ବ୍ଲାଷ୍ଟିଂ। ପ୍ରତିଦିନ ବୁହା ହେଉଛି ଗାଡ଼ି ଗାଡ଼ି ପଥର। ପୋଲିସ ପ୍ରଶାସନକୁ ଖାତିର ନ କରି ଦିନ ଦ୍ୱିପ୍ରହରରେ କମ୍ପ୍ରେଶର ମେଶିନ ଲଗାଇ ବ୍ଲାଷ୍ଟିଂ ଚାଲିଛି। ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମ ନିକଟ ଭାଲୁ ପାହାଡ଼ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ପାହାଡ଼ କାହାକୁ ଲିଜ୍ ଦିଆଯାଇ ନ ଥିଲେ ମଧ୍ୟ ମାଫିଆମାନେ ବେଆଇନ ବ୍ଲାଷ୍ଟିଂ କରି ଟ୍ରାକ୍ଟରରେ ପଥର ଚାଲାଣ କରୁଛନ୍ତି। ପାହାଡ଼ରେ ବହୁ ସଂଖ୍ୟାରେ ମୟୂର ଅଛନ୍ତି। ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପାହାଡ଼ ଲିଜ୍ ଦିଆଯାଉ ନ ଥିବା ସୁଯୋଗ ନେଇ ମାଫିଆମାନେ ବେଆଇନ ବ୍ଲାଷ୍ଟିଂ କରି ପଥର ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ବି ଠିକ୍ ସମୟରେ ପୋଲିସ କିମ୍ବା ପ୍ରଶାସନ ପହଞ୍ଚୁ ନ ଥିବା ଗ୍ରାମବାସୀ କହିଛନ୍ତି।

କିଛି ଦିନ ତଳେ ଏହି ପାହାଡ଼ରୁ ପଥର ଚୋରା ଚାଲାଣ ବେଳେ ବୁଗୁଡ଼ା ପୋଲିସ ଗୋଟିଏ ଟ୍ରାକ୍ଟର ସିଜ୍ କରିଥିଲା। ତେବେ କେବଳ ଫାଇନ୍ ଆଦାୟ କରି ଉକ୍ତ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଥିଲା। ପୂର୍ବରୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ବେଲ୍‌ଚା, କଡ଼େଇ ଆଦି ଜବତ କରିଥିବା ବେଳେ ବନ ବିଭାଗ ଓ ତହସିଲ କର୍ମଚାରୀ ମିଳିତ ଭାବେ ଯାଇ ଚଢ଼ାଉ କରି ସେଠାରେ ପଡ଼ିଥିବା ଗୋଟିଏ ଟ୍ରାକ୍ଟର ଟାୟାର ପୋଡ଼ି ନଷ୍ଟ କରିବା ଛଡ଼ା ଆଉ କିଛି କରି ପାରିନଥିଲେ ବୋଲି ରେଞ୍ଜର ପ୍ରଦୀପ କୁମାର ମିଶ୍ର କହିଥିଲେ। ମାଇନିଂ ବିଭାଗ ଅଧୀନରେ ଆସୁଥିବା ଉକ୍ତ ପାହାଡ଼ର ସୁରକ୍ଷା ପାଇଁ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ବୁଗୁଡ଼ାରେ ରହୁ ନ ଥିବାରୁ ମାଫିଆମାନେ ସକ୍ରିୟ ହୋଇଛନ୍ତି। ଅନ୍ୟପଟେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଯୋଗୁ ମୟୂରମାନେ ଉକ୍ତ ସ୍ଥାନ ଛାଡ଼ି ଚାଲି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ସଂପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।





ବ୍ଲାଷ୍ଟିଂ କରାଯାଉଥିବା ମେଶିନ।


ଗଞ୍ଜାମ ଜିଲା ସୋରଡ଼ାରେ ବୁଧବାର ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଯୋଗ ଦେଇଥିବା ନେତା ଓ କର୍ମୀମାନେ।

# ସୂର୍ଯ୍ୟମୁଖୀ ଚାଷ ପ୍ରତି ଆଗ୍ରହ ବଢୁଛି

ବ୍ରହ୍ମପୁର,୧୫।୫(ସ୍ମୃତି ରଞ୍ଜନ ମହାଲିକ)

■ଜଗନ୍ନାଥପ୍ରସାଦ ବ୍ଲକରେ ସର୍ବାଧିକ
■ଚାଷୀଙ୍କୁ ଉତ୍ତମ ବିହନ ଓ ତେଲର ବ୍ୟବସାୟୀକରଣ ଦାବି

ସୂର୍ଯ୍ୟମୁଖୀରେ ପ୍ରଚୁର ପରିମାଣର ଜୀବନ ଶକ୍ତି ତଥା ଖାଦ୍ୟପ୍ରାଣ ରହିଛି। ଏଥିରେ ୨୦.୮% ପୁଷ୍ଟିସାର ସହ ୫୦% ସ୍ନେହସାର ଥିବାରୁ ଏଥିରୁ ଉତ୍ପାଦିତ ତେଲ ସ୍ୱାସ୍ଥ୍ୟପ୍ରଦ। ଏହି ତେଲରେ ଅଧିକ ପରିମାଣର ଭିଟାମିନ ଏ,ଡି ଓ ଇ ରହୁଥିବାରୁ କୋଲେଷ୍ଟ୍ରଲ ଓ ରକ୍ତନଳୀ ଜନିତ ରୋଗ କମ ହୋଇଥାଏ। ସୂର୍ଯ୍ୟମୁଖୀ ପିଡିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ଏହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡା ଖାଦ୍ୟ ରୂପେ ବ୍ୟବହାର କରାଯାଉଛି। ତେଣୁ ଗଞ୍ଜାମ ଜିଲାର ପ୍ରାୟ ଚାଷୀ ଏହି ଚାଷ କରିଥାନ୍ତି। ୮ରୁ ୩୪ ଡିଗ୍ରୀ ସେଲସିୟସ ଉତ୍ତାପ ଅନୁଭୂତ ଅଞ୍ଚଳରେ ଏହି ଚାଷ ହୋଇଥାଏ। ନିଗିଡ଼ା, ଦୋରସା ଓ ପଟୁ ଦୋରସା ମାଟିରେ ଏହି ଚାଷ ଭଲ ହୋଇଥାଏ। ତେଣୁ ଜିଲାରେ ଗତ ବର୍ଷ ରବି ଋତୁରେ ୮୭୩ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୬୬୭ ହେକ୍ଟର ଚାଷ ହୋଇଥିଲା। ୨୦୨୩-୨୪ରେ ଜିଲା କୃଷି ବିଭାଗ ପକ୍ଷରୁ ୧୦୦୦ ହେକ୍ଟର ଚାଷ ଜମିରେ ସୂର୍ଯ୍ୟମୁଖୀ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୯୩୭ ହେକ୍ଟରରେ ଚାଷ ହୋଇଛି। ଆସିକା ବ୍ଲକରେ ୮୦ ହେକ୍ଟର, ଶେରଗଡରେ ୪୫, ଧରାକୋଟରେ ୧୦, ସୋରଡାରେ ୫୦, ପାତ୍ରପୁରରେ ୫୫, ଚିକିଟିରେ ୪୫, ରଙ୍ଗେଇଲୁଣ୍ଡାରେ ୫, ଭଞ୍ଜନଗରରେ ୫୦, ବେଲଗୁଣ୍ଠାରେ ୫୫, ଜଗନ୍ନାଥ ପ୍ରସାଦରେ ୧୨୦, ବୁଗୁଡାରେ ୩୭, ଛତ୍ରପୁରରେ ୪୦, ପୁରୁଷୋତ୍ତମପୁରରେ ୪୦, ଗଞ୍ଜାମରେ ୧୭, ହିଞ୍ଜିଳିରେ ୫୭, ଦିଗପହଣ୍ଡିରେ ୫, ସାନଖେମୁଣ୍ଡିରେ ୩୦, କୁକୁଡାଖଣ୍ଡିରେ ୫, ଖଲିକୋଟରେ ୩୩, ବେଗୁନିଆପଡାରେ ୩୩, କବିସୂର୍ଯ୍ୟନଗରରେ ୭୦ ଓ ପୋଲସରା ବ୍ଲକରେ ୫୫ ହେକ୍ଟର ସୂର୍ଯ୍ୟମୁଖୀ ଚାଷ ହୋଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଜଗନ୍ନାଥ ପ୍ରସାଦ ବ୍ଲକରେ ସର୍ବାଧିକ ଚାଷ ହୋଇଥିବା ସୂଚନା ମିଳିଛି। ଗଞ୍ଜାମରେ ସାଧାରଣତଃ ୨ରୁ ୩ କିସମର ସୂର୍ଯ୍ୟମୁଖୀ ଚାଷ ହୋଇଥାଏ। ଚାଷୀମାନେ ନିଜେ ମଞ୍ଜି କିଣି ଚାଷ କରୁଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ କହିଛନ୍ତି। ବର୍ତ୍ତମାନ ଜିଲାରେ ୫୦% ଫୁଲ ଉତ୍ପାଦନ ସରିଛି। ଫୁଲ ବେଶୀ ମାତ୍ରାରେ ଆନ୍ଧ୍ରକୁ ରପ୍ତାନୀ ହେଉଥିବା ବେଳେ ବର୍ତ୍ତମାନ ଜିଲାର ବହୁ ଚାଷୀ ନିଜେ ଚାଷ କରିବା ସହ ଫୁଲରୁ ତେଲ ସଂଗ୍ରହ କରିବା ଉପାୟ ଅବଲମ୍ବନ କରିଛନ୍ତି। ଅନ୍ୟପଟେ ବିଭାଗ ପକ୍ଷରୁ ଉନ୍ନତ କିସମର ବିହନ ଯୋଗାଣ ପାଇଁ ଚାଷୀମାନେ ଦାବି କରିବା ସହ ଚାଷ ଉତ୍ପାହନ କରୁଥିବା ସୂର୍ଯ୍ୟମୂଖୀ ତେଲର ବ୍ୟବସାୟୀକରଣ କ୍ଷେତ୍ରରେ ସରକାରୀ ସ୍ତରରେ ସହାୟତା ପାଇଁ ବହୁ ଚାଷୀ ଦାବି କରିଛନ୍ତି।


ସୂର୍ଯ୍ୟମୁଖୀ ଫୁଲ ଚାଷ।

# ସାମଗ୍ରିକ ବିକାଶ ମୋ ଲକ୍ଷ୍ୟ:ଲତିକା

ବ୍ରହ୍ମପୁର,୧୫।୫(ଅଶୋକ କୁମାର ସାହୁ):

ରାଜ୍ୟରେ ଆସନ୍ତା ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏହାକୁ ଆଉ ୪ଦିନ ବାକି ଥିବାବେଳେ ଆସିକା ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନରେ ସ୍ଥିତି ସରଗରମ ରହିଛି। ସେଥିମଧ୍ୟରୁ କବିସୂର୍ଯ୍ୟନଗର ବିଧାନସଭା ଆସନର ଗୁରୁତ୍ୱ ଅଧିକ। ଉକ୍ତ ଆସନ ପାଇଁ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ପୁରୁଣା ଚେହେରା ଲତିକା ପ୍ରଧାନଙ୍କୁ ବାଛିଥିବାବେଳେ ଭାଜପା ଓ କଂଗ୍ରେସ ନୂଆ ମୁହଁ ଦେଇଛନ୍ତି। ଧରିତ୍ରୀ ପକ୍ଷରୁ ବିଜେଡି ବିଧାୟିକା ପ୍ରାର୍ଥୀ ଲତିକାଙ୍କ ସହ ସ୍ୱଳ୍ପ ଆଳାପ।

**ପ୍ର: ଆପଣଙ୍କ ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**

**ଉ:** ଅନେକ ପ୍ରସଙ୍ଗ ରହିଛି। ଉକ୍ତ ପ୍ରସଙ୍ଗକୁ ନେଇ ଗତ ୫ ବର୍ଷରେ ଅନେକ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଆଗରେ ରହିଛି। ତଥାପି ଏ କ୍ଷେତ୍ରକୁ ଆହୁରି ଉନ୍ନତ କରିବା ଉକ୍ତ ପ୍ରସଙ୍ଗରେ ସ୍ଥାନ ପାଇଛି। ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଲକ୍ଷ୍ୟ ରହିଛି। ବିଶେଷକରି କୃଷି ପାଇଁ ଜଳସେଚନ ବ୍ୟବସ୍ଥା ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଯାହା ସମସ୍ୟା ରହିଛି ତାହାକୁ ଦୂର କରାଯିବ। ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ।

**ପ୍ର: ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ଚାହୁଁଛନ୍ତି?**

**ଉ:** ମୁଁ କ'ଣ କରିଛି ଏବଂ ଜିତିଲେ ଆଉ କ'ଣ କରିବି ସେ ସମ୍ପର୍କରେ ଭୋଟର ଭଲଭାବେ ଅବଗତ ଅଛନ୍ତି। ତେଣୁ ସହର ସହିତ ଗାଁ ଗହଳିରେ ଅଯାଚିତ ସମର୍ଥନ ମିଳୁଛି। ମୁଁ ବିଧାୟିକା ଥିବା ସମୟରେ କ'ଣ କରିଛି ତାହାକୁ ପଛରେ ପକାଇ ଲୋକଙ୍କ ସମସ୍ୟାକୁ ଦୂର କରିବା ସହ ସମସ୍ତଙ୍କୁ ବିକାଶରେ ସାମିଲ କରିବା ଲକ୍ଷ୍ୟ ରଖିଛି । ବିକାଶ କେବଳ ଜଣଙ୍କ ଦ୍ୱାରା ହୁଏନି। ଲୋକଙ୍କ ସହଯୋଗରେ ହୁଏ। ତେଣୁ ସମସ୍ତେ ଏକ ହୋଇ ଅଞ୍ଚଳରେ ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଉଛି। ମୁଁ ଯାହା ବିକାଶ କରିଛି ତାହା ହିଁ ମୋ ସପକ୍ଷରେ ଯିବ।

**ପ୍ର: ମତଦାତାଙ୍କୁ କ'ଣ ପ୍ରତିଶ୍ରୁତି ଦେବେ?**

**ଉ:** ଗତ ନିର୍ବାଚନରେ ଯାହା ପ୍ରତିଶ୍ରୁତି ଥିଲା ତାହା ପୂରଣ ହୋଇଛି। ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଖସଡା ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ କାମ ହେଉଛି। ମିଶନ ଶକ୍ତିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଆଦି କ୍ଷେତ୍ରରେ ପର୍ଯ୍ୟାପ୍ତ ବିକାଶ କରାଯାଇଛି। ଅନେକ କାର୍ଯ୍ୟର ରୂପାନ୍ତରଣ କରାଯାଇଛି। କବିସୂର୍ଯ୍ୟନଗରରେ ଏକ ଉନ୍ନତ ମେଡିକାଲ କରାଯାଇଛି। କୋଦଳାରେ ଆଉ ଏକ ମେଡିକାଲ କରାଯିବ। ମାନବ ସମ୍ବଳକୁ କିଭଳି ବିନିଯୋଗ କରି ଅଞ୍ଚଳର ବିକାଶ କରିବା ଓ ମହିଳା, ପୁରୁଷ, ଯୁବପିଢ଼ି ସମସ୍ତେ କିଭଳି ସଶକ୍ତ ହୋଇପାରିବେ ସେଥିପାଇଁ କାମ କରିବା ହେଉଛି ମୋର ପ୍ରତିଶ୍ରୁତି।


ଲତିକା ପ୍ରଧାନ

**ପ୍ର: ଭୋଟର ଆପଣଙ୍କୁ କାହିଁକି ସମର୍ଥନ କରିବେ ବୋଲି ଭାବୁଛନ୍ତି?**

**ଉ:** ଦେଖନ୍ତୁ! ଭୋଟର ମୋତେ ପୂର୍ବରୁ ଜାଣିଛନ୍ତି। ମୋର ବିକାଶମୂଳକ କାର୍ଯ୍ୟକୁ ଭୋଟର ଦେଖିଛନ୍ତି, ଭଲ ଭାବେ ବୁଝିଛନ୍ତି ମଧ୍ୟ। ଗତ ୫ ବର୍ଷରେ ଲୋକଙ୍କ ସୁଖଦୁଃଖର ସାଥୀ ହୋଇଛି। ଲୋକେ ମୋତେ ଗତଥର ଯେଭଳି ବିଶ୍ୱାସ ରଖି ଦାୟିତ୍ୱ ଦେଇଥିଲେ ତାହାକୁ ଶତପ୍ରତିଶତ ପୂରଣ କରିପାରିଛି ବୋଲି ମୁଁ ଭାବେ। ବର୍ତ୍ତମାନ ମଧ ଲୋକଙ୍କୁ ପଚାରି ସେମାନଙ୍କ ସମସ୍ୟା ଦୂର କରିବାରେ ଅଣ୍ଟା ଭିଡିଛି। ତେଣୁ ଲୋକେ ନିଶ୍ଚିତ ଭାବେ ସମର୍ଥନ କରୁଛନ୍ତି ଓ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ।

**ପ୍ର: ଆପଣଙ୍କ ସହିତ କାହାର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଭାବୁଛନ୍ତି?**

**ଉ:** ଅନେକ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେମାନେ ମୋତେ ପ୍ରତିଦ୍ୱନ୍ଦ୍ୱୀ କରିଥାଇପାରନ୍ତି। ମୁଁ କାହାକୁ ବିରୋଧ କରୁନାହିଁ। ମୋର ମଧ ସେଭଳି ପ୍ରତିଦ୍ୱନ୍ଦ୍ୱୀ ଥିଲା ଭଳି ମୁଁ ମନେ କରୁନି। ଲୋକଙ୍କ ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ବିକାଶ କରିଛି ବୋଲି ସହଯୋଗ ମିଳିଛି। ସାମଗ୍ରିକ ବିକାଶ କରିବା ଲକ୍ଷ୍ୟ ରହିଛି। ତେଣୁ ମୋ ସହିତ କାହାର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ମୁଁ ଭାବୁନି।

## ଲୋକ ସଭା ପ୍ରାର୍ଥୀଙ୍କୁ ଆକ୍ରମଣ ଘଟଣା ଏନ୍‌ଏଚ୍‌ଆର୍‌ସିରେ ମାମଲା

ବ୍ରହ୍ମପୁର,୧୫।୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରର ଲୋକ ସଭା ପ୍ରାର୍ଥୀ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା ଦାୟର ହୋଇଛି। ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ମାମଲା ଦାୟର କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ପୋଲିସ ଉପସ୍ଥିତିରେ ଜଣେ ଲୋକ ସଭା ପ୍ରାର୍ଥୀଙ୍କୁ ଆକ୍ରମଣ ଘଟଣା ଅତି ନିନ୍ଦନୀୟ ବୋଲି ଦାଶ କହିଛନ୍ତି ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

ବେଲଗୁଣ୍ଠା,୧୫।୫
(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗୋବରାଠାରେ ବାଇକ୍ ଧକ୍କାରେ ଗୋବରାର ନିଳାଞ୍ଚଳ ଜେନା ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ୩ ଜଣ ଏକ ବାଇକ୍‌ରେ ଦ୍ରୁତଗତିରେ ଜିରାବାଡି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ନୀଳାଚଳଙ୍କୁ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

# ଗୋସାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର,୧୫।୫(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସଭାପତି ପ୍ରଦୀପ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଶିକ୍ଷାନୁଷ୍ଠାନର ୮ ଶିଶୁ ସଫଳତା ପାଇଛନ୍ତି। ୩ୟ ଶ୍ରେଣୀ ଛାତ୍ର ସୌମିତ୍ରୀ ପ୍ରିୟବ୍ରତ ପଣ୍ଡା ରାଜ୍ୟରେ ୨ୟ, ୭ମ ଶ୍ରେଣୀର ସତ୍ୟମ କୁମାର ସାହୁ, ଶ୍ରୀକ୍ରିଷ୍ଣା ମହାପାତ୍ର, ଶିବରାମ ଆପଟ୍ଟ ଓ ସୁଜ୍ଞାନୀ ଚୌଧୁରୀ ୫ମ ସ୍ଥାନ ଏବଂ ୯ମ ଶ୍ରେଣୀର ଜେ ହେମନ୍ତ ୮ମ ସ୍ଥାନ, ରୋନିକ ସାବତ ୯ମ ସ୍ଥାନ ଓ ଦେବଦତ୍ତ ପାଣିଗ୍ରାହୀ ୧୦ମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ପ୍ରେରଣା, ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା ଓ ଗୁରୁମା, ଗୁରୁଜୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

**ରାଜ୍ୟସ୍ତରୀୟ ଗଣିତ ପରୀକ୍ଷା**


ସଫଳତା ହାସଲ କରିଥିବା ଛାତ୍ର ଓ ଉପସ୍ଥିତ ଅଭିଭାବକ, ବିଦ୍ୟାମନ୍ଦିରର ଶିକ୍ଷୟତ୍ରୀ ଶିକ୍ଷକ ବୃନ୍ଦ।

# ପ୍ଲଟ୍ ବ୍ୟବସାୟୀଙ୍କୁ ଆକ୍ରମଣ, ପ୍ରାର୍ଥୀଙ୍କ ନାଁରେ ଅଭିଯୋଗ

ବ୍ରହ୍ମପୁର,୧୫।୫ (ସବାସ ଚନ୍ଦ୍ର ପାଢ଼ୀ): ସଦର ଥାନା ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ ପ୍ଲଟ ବ୍ୟବସାୟୀ ଓ ତାଙ୍କ ସମ୍ପର୍କିୟଙ୍କୁ ଆକ୍ରମଣ ହୋଇଛି । ଏଥିରେ ୩ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣ ପଛରେ ଜଣେ ବିଧାୟକ ପ୍ରାର୍ଥୀ ଓ ତାଙ୍କ ସହଯୋଗୀ ସାମିଲ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଗୋଳନ୍ଥରା ଶିହଳାର ସୁଧାଂଶୁ ସଂଗ୍ରାମ ପାଢୀ ଓ ତାଙ୍କ ସାଙ୍ଗ କୁକୁଡାଖଣ୍ଡି ଅଞ୍ଚଳରେ ପ୍ଲଟ ବ୍ୟବସାୟ କରୁଛନ୍ତି । ସୁଧାଂଶୁଙ୍କ ନିକଟରେ କାମ କରୁଥିବା କେତେଜଣ କର୍ମଚାରୀଙ୍କୁ ସେହି ପ୍ଲଟ ଉପରେ କେତେକ ବ୍ୟକ୍ତି ଲୁହାରଡରେ ଆକ୍ରମଣ କରିଥିଲେ । ଏହା ଶୁଣିବା ପରେ ସୁଧାଂଶୁ ଓ ତାଙ୍କ ବାପା, ୨ ଭାଇ ପହଞ୍ଚିଥିଲେ। ସେମାନଙ୍କୁ ମଧ ସେଠାରେ ଆକ୍ରମଣ ହୋଇଥିଲା। ପରେ ସେମାନେ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସମସ୍ତଙ୍କୁ କିଛି ସମୟ ବାହାରେ ଅପେକ୍ଷା କରିବାକୁ କହିଥିଲେ । ଏହି ସମୟରେ ସଂପୃକ୍ତ ବିଧାୟକ ପ୍ରାର୍ଥୀ ଓ ତାଙ୍କର ୬ରୁ ଅଧିକ ସମର୍ଥକ ସେଠାରେ ପହଞ୍ଚି ସୁଧାଂଶୁ ଓ ତାଙ୍କ ବାପା ଭାଇଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁଧାଂଶୁଙ୍କ ବାପା ଓ ଭାଇଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ଡାକ୍ତରଖାନା ଯାଇଛନ୍ତି। ସୁଧାଂଶୁଙ୍କୁ ଅଭିଯୋଗ ପ୍ରକାରେ ପୋଲିସ ଘଟଣାର ତଦନ୍ତ କରୁଛି।

# ୨୪ ଘଣ୍ଟାରେ ରେଳଧାରଣାରୁ ୩ ମୃତଦେହ ଜବତ

ବ୍ରହ୍ମପୁର,୧୫।୫ (ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ସରକାରୀରେଳବାଇ ଥାନା ଅନ୍ତର୍ଗତ ବିଭିନ୍ନ ରେଳ ଧାରଣାରୁ ୨୪ ଘଣ୍ଟା ମଧ୍ୟରେ ୩ ମୃତଦେହ ଜବତ ହୋଇଛି। ମୃତକମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ଥାନାରେ ୩ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ହଳଦିଆପଦର ଓଭରବ୍ରିଜ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜିଆରପି ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲା। ସେ ହେଲେ ଗୋସାଣୀନୂଆଗାଁ ଶାଳିଆବନ୍ଧ ସାହିର ଯୁଧିଷ୍ଠିର ମହାରଣା(୪୫) । ତାଙ୍କ ପୁଅ ତ୍ରିନାଥ ମହାରଣା ମୃତଦେହ ଚିହ୍ନଟ କରିଥିଲେ। ଯୁଧିଷ୍ଠିର ରେଳ ଧାରଣା ପାର ହେଉଥିବା ବେଳେ କୌଣସି ଟ୍ରେନ ଧକ୍କାରେ ପ୍ରାଣ ହରାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି । ସେହିପରି ମଙ୍ଗଳବାର ସକାଳେ ଚିଲିକା-କାଳିଜାଇ ନିକଟ ରେଳ ଧାରଣାରୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରାର ପଙ୍କଜ ସାଧବ(୪୮)ଙ୍କ ମୃତଦେହ ଜବତ ହୋଇଥିଲା। କୌଣସି ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ପଙ୍କଜଙ୍କ ପୁଅ ତ୍ରିଲୋଚନ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଅନ୍ୟପକ୍ଷରେ ଗୋଳନ୍ଥରା ଭାଲିଆଗଡ ନିକଟ ରେଳଧାରଣାରୁ ଜଣେ ଜବତ ହୋଇଥିବା ଯୁବକଙ୍କ ମୃତଦେହ ପରିଚୟ ଜଣାପଡି ନ ଥିବା ବେଳେ ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ପୋଲିସ ମୃତଦେହ ନିକଟରୁ ଏକ ଟ୍ରେନ ଟିକଟ ଓ ମୋବାଇଲ ଫୋନ ଜବତ କରିଛି । ସେହି ଟିକଟରେ ହାୱଡାରୁ ସାନ୍ତରାଗାଛି-ଗୋଆ ଭାସ୍କୋଡାଗାମା ଏକ୍ସପ୍ରେସ ଉଲ୍ଲେଖ ରହିଛି । ତେଣୁ ବ୍ୟକ୍ତି ଜଣଙ୍କ ପଶ୍ଚିମବଙ୍ଗର ହୋଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ଯୁବକ ଜଣଙ୍କ ଟ୍ରେନରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଛେଦ ପରେ ଏମକେସିଜିରେ ସଂରକ୍ଷିତ ରହିଛି ।

# ଗ୍ରୀଷ୍ମକାଳୀନ ଟେନିସ୍ ପ୍ରଶିକ୍ଷଣ ଶିବିର



ଅତିଥିଙ୍କ ସହ ଖେଳାଳିମାନେ।

ବ୍ରହ୍ମପୁର,୧୫।୫
(ଅଶୋକ କୁମାର ସାହୁ):

ସ୍ଥାନୀୟ ୟୁନିୟନ କ୍ଲବ ଟେନିସ ଏରିନା ଭିତରେ ଗଞ୍ଜାମ ଜିଲା ଟେନିସ ସଂଘ ପକ୍ଷରୁ ବୁଧବାର ଗ୍ରୀଷ୍ମକାଳୀନ ଟେନିସ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ସାର୍ଥକ ଷଡଙ୍ଗୀ, ୟୁନିୟନ କ୍ଲବ ସମ୍ପାଦକ ଅରୁଣ ବିଷୋୟୀ, ଜିଲା ଟେନିସ ସଂଘର ସଭାପତି ଅବଦୁଲ ଆସ୍ତାର, ସମ୍ପାଦକ ରଜେଶ ସାହୁ, ଅଧକ୍ଷ ମିଟେନ ଭୂୟାଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଶିବିର ସକାଳ ସାଢ଼େ ୬ଟାରୁ ଆରମ୍ଭ ହୋଇ ସକାଳ ୮ଟାରେ ଶେଷ ହେବ। ସେହିପରି ସନ୍ଧ୍ୟା ସାଢ଼େ ୪ରୁ ୬ଟା ପର୍ଯ୍ୟନ୍ତ ହେବ। ଶିବିରରେ ୧୬ ବର୍ଷରୁ କମ ବାଳିକା ବାଳକ ଯୋଗଦେଇପାରିବେ। ପ୍ରଥମ ଦିନ ଶିବିରିରେ ୩୦ଜଣ ଖେଳାଳି ସାମିଲ ହୋଇଛନ୍ତି। ଉକ୍ତ ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

# ପିଣ୍ଟୁ ଦାସଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ ହେଉ

**ଭାଜପା ବିଧାୟକ ପ୍ରାର୍ଥୀମାନଙ୍କ ଦାବି**

ବ୍ରହ୍ମପୁର,୧୫।୫(ନରସିଂହ ସାହୁ)

ବ୍ରହ୍ମପୁର ଲୋକସଭା ଭାଜପା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଗତ ସୋମବାର ସନ୍ଧ୍ୟାରେ ଗୋଷାଣିନୂଆଗାଁ ଥାନା ଆଗରେ ମରଣାନ୍ତକ ଆକ୍ରମଣ କରିଥିବା ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ ତୁରନ୍ତ ଜାତୀୟ ନିରାପତ୍ତା ଆଇନ (ଏନଏସଏ) ଲାଗୁ କରିବାକୁ ଜିଲାର ବିଭିନ୍ନ ସ୍ଥାନରେ ନିର୍ବାଚନ ଲଢ଼ିଥିବା ପଦ୍ମ ଦଳର ପ୍ରାର୍ଥୀଙ୍କ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏହି ଅଭାବନୀୟ ଘଟଣାର ମାସକ ମଧ୍ୟରେ ତଦନ୍ତ ସାରି କାର୍ଯ୍ୟାନୁଷ୍ଠାନ ନେବାଲାଗି ଆଉ ଏକ ଦାବି ହୋଇଛି। ନଚେତ୍ ଭାଜପା ଏହାକୁ ପ୍ରସଙ୍ଗ କରି ସମଗ୍ର ଗଞ୍ଜାମ ଜିଲାରେ ଆନ୍ଦୋଳନ ଜୋରଦାର କରିବ ବୋଲି ପୋଲିସ ଓ ପ୍ରଶାସନକୁ କଡ଼ା ଚେତାବନୀ ଦିଆଯାଇଛି।

ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୂତି ଜେନା, ଚିକିଟିର ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ପ୍ରାର୍ଥୀ କେ. ଅନିଲ କୁମାର, ଛତ୍ରପୁରର କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ କହିଥିଲେ ଏହି ଘଟଣା ବିଜେଡି ପ୍ରାୟୋଜିତ। ବିଜେଡି ପ୍ରାର୍ଥୀମାନେ ପରାଜୟ ଆଶଙ୍କାରେ ପିଣ୍ଟୁଙ୍କୁ ମାଧମ କରି ଏଭଳି କାଣ୍ଡ ଘଟାଇଛନ୍ତି। ପ୍ରଦୀପଙ୍କୁ ଆକ୍ରମଣ ପରେ ଥାନା ଆଗରେ ହୋଇଥିବା ପିଣ୍ଟୁ ସମର୍ଥକଙ୍କ ଆନ୍ଦୋଳନ ସ୍ଥଳରେ କେତେଜଣ ବିଜେଡି କର୍ମୀ ଓ ସମର୍ଥକଙ୍କୁ ଦେଖିବାକୁ ମିଳିଥିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡାଙ୍କ ସମେତ ସରୋଜ ସାବତ ଓ ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଭାଜପା ପ୍ରାର୍ଥୀମାନେ କହିଥିଲେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ଠାରୁ ମତଦାନ ପର୍ଯ୍ୟନ୍ତ ଶାସକ ଦଳ ପକ୍ଷରୁ ଲଗାତର ଭାବେ ଅନେକ ହିଂସାକାଣ୍ଡ ହୋଇଛି। ଭୋଟ ଗ୍ରହଣ ଶେଷରେ ଲୋକ ସଭା ପ୍ରାର୍ଥୀଙ୍କୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କୁ ଅସ୍ତ୍ର କରି ଆକ୍ରମଣ କରାଯାଇଛି। ଭୋଟ ପ୍ରଚାର ବେଳେ କର୍ମୀ ଓ ସମର୍ଥକଙ୍କୁ ଭୟଭୀତ କରାଇବା ସହ ହିଂସାତ୍ମକ କାର୍ଯ୍ୟ କରାଯାଇଛି। ପୋଲିସ ଓ ପ୍ରଶାସନକୁ ବହୁବାର ଜଣାଇବା ସତ୍ତ୍ୱେ ପ୍ରତିକାର ବ୍ୟବସ୍ଥା ପ୍ରତି ଆଖି ବୁଜି ଦିଆଯାଇଥିଲା। ଗୋପାଳପୁର ଓ ଚିକିଟି ନିର୍ବାଚନ ମଣ୍ଡଳୀର ମଦ ମାଫିଆଙ୍କ ପୋଷା ଗୁଣ୍ଡାଙ୍କ ଦ୍ୱାରା ଉତ୍ତେଜନା ଓ ହିଂସାକାଣ୍ଡ ଘଟୁଥିଲା ବୋଲି ବିଭୂତି ଓ ମନୋରଂଜନ ଅଭିଯୋଗ କରିଥିଲେ। ଭୋଟ ଫଳାଫଳ ଘୋଷଣାକୁ ପାଖାପାଖି ୩ ସପ୍ତାହ ରହିଛି। ଏହି ସମୟ ମଧ୍ୟରେ ମଧ ହିଂସାକାଣ୍ଡ ଘଟିବାର ଆଶଙ୍କା ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନେବାକୁ ଭାଜପା ବିଧାୟକ ପ୍ରାର୍ଥୀଙ୍କ ପକ୍ଷରୁ ଦାବି କରାଯାଇଛି।



ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀମାନେ।

